# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**02nd March - 2025**

**********************************

## ମୁଖ୍ୟ ସମ୍ବାଦ

- ରାଜ୍ୟ ସରକାର କୃଷକଙ୍କ ସଶକ୍ତୀକରଣ ପାଇଁ ବିଭିନ୍ନ କୃଷି ସମୃଦ୍ଧି ଯୋଜନା ଲାଗୁ କରୁଛନ୍ତି ବୋଲି କହିଲେ, ମୁଖ୍ୟମନ୍ତ୍ରୀ

— କେନ୍ଦୁଝର ଜିଲ୍ଲାର ପାଟଣାଠାରେ ପ୍ରତିଷ୍ଠା ହେବ ବୃହତ୍ ଷ୍ଟିଲ୍ ପ୍ଲାଣ୍ଟ

- ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟଠାରେ ରାଜ୍ୟସ୍ତରୀୟ ଯୁବ ସମ୍ମିଳନୀ ଆୟୋଜିତ

- ଆସନ୍ତାକାଲି ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ଭୁବନେଶ୍ୱରରେ ହେବ ଅନୁଷ୍ଠିତ

ଏବଂ

- କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ବଜେଟ୍ ସମ୍ବନ୍ଧରେ ବିଭିନ୍ନ ସ୍ଥାନରେ ବୁଦ୍ଧିଜୀବୀ ସମ୍ମିଳନୀ ଆୟୋଜିତ

## ମୁଖ୍ୟମନ୍ତ୍ରୀ-କେନ୍ଦୁଝର ଗସ୍ତ

କୃଷକମାନଙ୍କର ଆମ ସମାଜରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଧରଣୀଧର ବିଶ୍ୱବିଦ୍ୟାଳୟ ପଡିଆରେ ଆୟୋଜିତ ଆଂଚଳିକ କୃଷି ଯନ୍ତ୍ରପାତି ମେଳାକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଓଡ଼ିଶା ଏକ କୃଷିଭିତ୍ତିକ ରାଜ୍ୟ ଭାବେ ୬୦ ପ୍ରତିଶତରୁ ଅଧିକ ଲୋକେ କୃଷି ଏବଂ ଆନୁଷଙ୍ଗିକ କାର୍ଯ୍ୟ ଉପରେ ନିର୍ଭରଶୀଳ। ରାଜ୍ୟ ସରକାର କୃଷକଙ୍କ ସଶକ୍ତୀକରଣ ପାଇଁ ବିଭିନ୍ନ କୃଷି ସମୃଦ୍ଧି ଯୋଜନା ଲାଗୁ କରୁଛନ୍ତି ବୋଲି ଶ୍ରୀ ମାଝୀ ମତ ବ୍ୟକ୍ତ କରିଛନ୍ତି। କେନ୍ଦୁଝର ଜିଲ୍ଲାର ପାଟଣାଠାରେ ଏକ ବୃହତ୍ ଷ୍ଟିଲ୍ ପ୍ଲାଣ୍ଟ ପ୍ରତିଷ୍ଠା କରାଯିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଚମ୍ପୁଆ ଚନ୍ଦ୍ରଶେଖର ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ଯୋଗଦେଇ ଏହା କହିଛନ୍ତି। କାରଖାନା ପ୍ରତିଷ୍ଠା ଲାଗି ଜେଏସ୍‌ଡବ୍ଲ୍ୟୁ ଓ ପୋସ୍କୋ ମଧ୍ୟରେ ରାଜ୍ୟ ସରକାରଙ୍କ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ୩୦ ରୁ ୪୦ ହଜାର କୋଟି ଟଙ୍କା ବ୍ୟୟ ଅଟକଳରେ କାରଖାନା ପ୍ରତିଷ୍ଠା ହେବ ବୋଲି ଶ୍ରୀ ମାଝୀ କହିଛନ୍ତି। ଆଗାମୀ ଦିନରେ ଚନ୍ଦ୍ରଶେଖର ମହାବିଦ୍ୟାଳୟକୁ ସ୍ୱୟଂଶାସିତ କଲେଜ୍ କରାଯିବା ସହ ଏହାର ବିକାଶ ପାଇଁ ୪ କୋଟି ଟଙ୍କାର ଅନୁଦାନ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ମୁଖ୍ୟମନ୍ତ୍ରୀ ରାଇକଳାଠାରେ ଅନୁଷ୍ଠିତ କ୍ରିକେଟ୍ ମ୍ୟାଚ୍‌ର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସନ୍ଧ୍ୟାରେ କେନ୍ଦୁଝର କାଳୀପଡିଆରେ ଆୟୋଜିତ ଆଂଚଳିକ କଳିଙ୍ଗ ହର୍ବାଲ ମେଳାରେ ମୁଖ୍ୟମନ୍ତ୍ରୀ ଯୋଗଦେବାର

କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀ ଆସନ୍ତାକାଲି ପୂର୍ବାହ୍ଣରେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରି ଜନ ଅଭିଯୋଗ ଶୁଣାଣି କରିବେ।

## ଆନ୍ତର୍ଜାତିକ ମହିଳା ଦିବସ

ଆନ୍ତର୍ଜାତିକ ମହିଳା ଦିବସ ପାଳନ ଉପଲକ୍ଷେ ଆଜି  ଭୁବନେଶ୍ୱର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟଠାରେ ରାଜ୍ୟସ୍ତରୀୟ ଯୁବ ସମ୍ମିଳନୀ ଅନୁଷ୍ଠିତ ହୋଇଛି।  ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟଅତିଥି ଭାବରେ କାର୍ଯ୍ୟକ୍ରମରେ ଯୋଗ ଦେଇ ମହିଳା ସଶକ୍ତୀକରଣର  ବିଭିନ୍ନ ଦିଗ ଉପରେ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରି କହିଛନ୍ତି....

## -V/O-

## ରାସନକାର୍ଡ

ସହରାଞ୍ଚଳରେ ୧୫ ହଜାର ଏବଂ ଗ୍ରାମାଞ୍ଚଳରେ ମାସିକ ଆୟ ୧୦ ହଜାର ଟଙ୍କା ଥିବା ହିତାଧିକାରୀମାନେ ସେମାନଙ୍କର ରାସନ କାର୍ଡ ତୁରନ୍ତ ଫେରସ୍ତ କରିବାକୁ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି। ପୂର୍ବରୁ ୬ ଲକ୍ଷ ଆବେଦନକାରୀ ରାସନକାର୍ଡ ପାଇବାକୁ ଥିବାବେଳେ ଗତକାଲି ପଞ୍ଜୀକରଣ ପୋର୍ଟାଲରେ ଦେଢ଼ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀ ଆବେଦନ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ୮୦ ହଜାର ଅଯୋଗ୍ୟ ହିତାଧିକାରୀ ରାସନକାର୍ଡ ଫେରାଇଥିବା ମନ୍ତ୍ରୀ କହିଛନ୍ତି। ସେମାନଙ୍କ ମଧ୍ୟରେ ୪ ହଜାର ସରକାରୀ କର୍ମଚାରୀ ଅଛନ୍ତି। ଏ ସମ୍ପର୍କରେ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି,

-V/O-

## ବାର୍ଷିକ ଅଧିବେଶନ – ଆଶାକର୍ମୀ

ଭୁବନେଶ୍ୱରସ୍ଥିତ ୟୁବିସିସି କାର୍ଯ୍ୟାଳୟରେ ଅଖିଳ ଭାରତୀୟ ଆଶା କର୍ମଚାରୀ ମହାସଂଘର ତୃତୀୟ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଏଥିରେ ଯୋଗଦେଇ ଆଶା କର୍ମଚାରୀଙ୍କ ସମର୍ପଣ ଓ ପରିଶ୍ରମ ପାଇଁ ସେମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଆଶାକର୍ମୀ ଆମର ସମ୍ମୁଖ ଯୋଦ୍ଧା ବୋଲି କହିବା ସହ ସେମାନଙ୍କର ଅବଦାନ ସର୍ବଦା ସ୍ମରଣୀୟ ବୋଲି କହିଛନ୍ତି । ରାଜ୍ୟ ସରକାର ଆଶାକର୍ମୀଙ୍କର ବିକାଶ ଓ ଅଧିକାର ଦିଗରେ ସଚେତନ ଅଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି ।

## ଜାତୀୟ କର୍ମଶାଳା

କେନ୍ଦ୍ର ପଞ୍ଚାୟତରାଜ ମନ୍ତ୍ରଣାଳୟ ପକ୍ଷରୁ ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନଠାରେ ଆସନ୍ତା ମଙ୍ଗଳବାରଦିନ ପଂଚାୟତିରାଜ ଅନୁଷ୍ଠାନର ନିର୍ବାଚିତ ମହିଳା ପ୍ରତିନିଧିମାନଙ୍କ ଜାତୀୟ କର୍ମଶାଳା ଆୟୋଜିତ ହେବ । ଏହି କର୍ମଶାଳାରେ 'ସଶକ୍ତ ପଂଚାୟତ-ନେତ୍ରୀ ଅଭିଯାନ'ର ଶୁଭାରମ୍ଭ କରାଯିବ । କେନ୍ଦ୍ର ପଂଚାୟତିରାଜ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ, ଯୁବ ବ୍ୟାପାର ଓ କ୍ରୀଡା ରାଷ୍ଟ୍ରମନ୍ତ୍ରୀ ନିଖିଲ ଖଡ୍‌ସେ, ବିଭାଗୀୟ ବରିଷ୍ଠ ପଦାଧିକାରୀମାନଙ୍କ ସମେତ ଅନ୍ତର୍ଜାତୀୟ ସଂଗଠନର ପ୍ରତିନିଧିମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ । ଦେଶରେ ପଂଚାୟତିରାଜ ଅନୁଷ୍ଠାନର ନିର୍ବାଚିତ ମହିଳା ପ୍ରତିନିଧିମାନଙ୍କ ପାଇଁ କ୍ଷମତା ବୃଦ୍ଧି, ଦକ୍ଷତା ବୃଦ୍ଧିକୁ ସୁଦୃଢ଼ କରିବା ଏହି କର୍ମଶାଳାର ଉଦ୍ଦେଶ୍ୟ ।

## ଜନଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ଆସନ୍ତାକାଲି ଅନୁଷ୍ଠିତ ହେବ। ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ଜନସାଧାରଣ ଏଥିପାଇଁ ସେମାନଙ୍କର ପଞ୍ଜୀକରଣ ପ୍ରାପ୍ତିସ୍ୱିକାର ପତ୍ର, ବ୍ୟକ୍ତିଗତ ପରିଚୟ ପତ୍ର ଏବଂ ନିଜର ଅଭିଯୋଗ ପତ୍ର ସହ ଭୁବନେଶ୍ୱର ୟୁନିଟ୍ -୪ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ନିର୍ଦ୍ଧାରିତ ସମୟରେ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ ଜଣାଇପାରିବେ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

## ରାଜ୍ୟପାଳ

ଯୁବପିଢ଼ି ଉଦ୍ୟୋଗୀ ହେବା ସହ ରାଜ୍ୟ ଓ ଦେଶର ଆର୍ଥିକ ଅଭିବୃଦ୍ଧିରେ ଭାଗୀଦାରୀ ହେବା ପାଇଁ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି। କଟକ ରାମଦାସପୁର ଇଣ୍ଡିଷ୍ଟ୍ରିଆଲ୍ ଇଷ୍ଟେଟ୍‌ଠାରେ ନବନିର୍ମିତ ଫ୍ଲେକ୍ସିବଲ୍ ପ୍ୟାକେଜିଂ ୟୁନିଟ୍‌ର ଉଦ୍‌ଘାଟନ କରି ରାଜ୍ୟପାଳ କହିଛନ୍ତି, ଏହି ୟୁନିଟ୍ ରାଜ୍ୟର ଶିଳ୍ପ ଆତ୍ମନିର୍ଭରଶୀଳ ଯାତ୍ରାରେ ଏକ ମାଇଲ୍‌ଖୁଣ୍ଟ ସାବ୍ୟସ୍ତ ହେବ। ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ପାଇଁ ଉଚ୍ଚମାନର ସାମଗ୍ରୀ ଉତ୍ପାଦନ ପାଇଁ ଏହି ୟୁନିଟ୍ ଅନ୍ୟ ରାଜ୍ୟ ଉପରେ ଓଡ଼ିଶାର ନିର୍ଭରଶୀଳତା ହ୍ରାସ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ରାଜ୍ୟପାଳ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଶିଳ୍ପ, ଦକ୍ଷତାବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଯୋଗଦେଇ ଯୁବପିଢ଼ିଙ୍କୁ ଉଦ୍ୟୋଗୀ ହେବା ପାଇଁ ସରକାରଙ୍କ ତରଫରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ।

## ହସ୍ତଶିଳ୍ପ କର୍ମଶାଳା

ପୁରୀର ଐତିହାସିକ ଗ୍ରାମ ରଘୁରାଜ ପୁରରେ ବିଭିନ୍ନ ପାରମ୍ପରିକ ହସ୍ତଶିଳ୍ପକୁ ନେଇ ଦୁଇଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଆଇଆଇଟି ଭୁବନେଶ୍ୱର ଏବଂ ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫେସନ୍ ଟେକ୍ନୋଲୋଜୀ ଦ୍ୱାରା ମିଳିତ ଭାବେ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା। କେନ୍ଦ୍ର ବାଣିଜ୍ୟ ମନ୍ତ୍ରଣାଳୟର ଇନ୍‌ଭେଷ୍ଟ ଇଣ୍ଡିଆର ସହାୟତାରେ 'ଗୋଟିଏ ଜିଲ୍ଲା ଗୋଟିଏ ସାମଗ୍ରୀ'ର ବିକାଶ ପ୍ରକଳ୍ପ ଆଧାରରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ କତା, ଗୋବର କଣ୍ଢେଇ, ତାଳପତ୍ର, କାଠଖୋଦେଇ, ପଟ୍ଟଚିତ୍ର ଭଳି ପାରମ୍ପରିକ ହସ୍ତକଳାର ବିକ୍ରିବଟା ସମ୍ପର୍କରେ ଏଥିରେ ତାଲିମ୍ ଦିଆଯାଇଥିଲା।

## ଲୋକାଭିମୁଖୀ ବଜେଟ୍

କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଲୋକାଭିମୁଖୀ ବଜେଟ୍ ସମ୍ବନ୍ଧରେ ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ମନ୍ତ୍ରୀ, ସାଂସଦ, ବିଧାୟକ ଓ ଦଳୀୟ କର୍ମୀମାନେ ବୁଦ୍ଧିଜୀବୀ ସମ୍ମିଳନୀରେ ସେମାନଙ୍କର ମତ ବ୍ୟକ୍ତ କରିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ବଜେଟ୍ ଲୋକାଭିମୁଖୀ ଯୋଜନାଗୁଡ଼ିକର କାର୍ଯ୍ୟକାରିତାର ପ୍ରତିଫଳନ ବୋଲି ସାଂସଦ ବୈଜୟନ୍ତ ପଣ୍ଡା ଏବଂ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ଜିଲ୍ଲା ସଂସ୍କୃତି ଭବନରେ ବଜେଟ୍‌କୁ ନେଇ ଏକ ସାମ୍ବାଦିକ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଉଭୟ ନେତା କହିଛନ୍ତି, ୨୦୪୭ ମସିହା ସୁଦ୍ଧା ଦେଶକୁ ଏକ ବିକଶିତ ରାଷ୍ଟ୍ର ଏବଂ ଓଡ଼ିଶାକୁ ୨୦୩୬ ମସିହା ସୁଦ୍ଧା ଏକ ବିକଶିତ ରାଜ୍ୟରେ ପରଣତ କରିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ମହିଳା ସଶକ୍ତୀକରଣ, ଆର୍ଥିକ ଉଦାରୀକରଣ କ୍ଷେତ୍ରରେ ଉଭୟ ବଜେଟ୍‌ରେ ଗୁରୁତ୍ୱ ପ୍ରଦାନ କରାଯାଇଛି। **ବୌଦ୍ଧ** ଜିଲ୍ଲା ଟାଉନ୍‌ହଲ୍‌ଠାରେ ଜିଲ୍ଲା ବିଜେପି ପକ୍ଷରୁ ଚଳିତବର୍ଷ କେନ୍ଦ୍ର ଓ ରାଜ୍ୟ

ସରକାରଙ୍କ ଦ୍ୱାରା ଆଗତ ବଜେଟ୍‌କୁ ନେଇ ଏକ ବୁଦ୍ଧିଜୀବୀ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ କାର୍ଯ୍ୟକ୍ରମରେ ଯୋଗଦେଇ ଏହି ବଜେଟ୍ ଏକ ସମାବେଶୀ ବଜେଟ୍ ବୋଲି କହିଛନ୍ତି ।

## ପିଏମ୍ ଜନଔଷଧି

ରାଜ୍ୟରେ ପ୍ରଧାନମନ୍ତ୍ରୀ ଜନଔଷଧିର ଗୁଣବତ୍ତା ଓ ଉଚିତ୍ ଦାମ୍ ଯୋଗୁଁ ଏହା ସାଧାରଣ ଜନତାଙ୍କ ମଧ୍ୟରେ ଆଦୃତ ହେବା ସହ ଏହାର ଚାହିଦା ବୃଦ୍ଧି ପାଇଛି । ୨୦୨୧ ରୁ ୨୦୨୩ ମସିହାରେ ଜନଔଷଧି କେନ୍ଦ୍ରର ସଂଖ୍ୟା ଖୁବ୍ କମ୍ ଥିବାବେଳେ ବର୍ତ୍ତମାନ ରାଜ୍ୟରେ ୭୩୪ଟି କେନ୍ଦ୍ର ଖୋଲାଯାଇଛି । ଯାହାଦ୍ୱାରା ଗରିବ ଓ ମଧ୍ୟବିତ୍ତ ଲୋକମାନେ ସୁବିଧା ଓ ସୁଲଭ ମୂଲ୍ୟରେ ଔଷଧ ପାଇପାରୁଛନ୍ତି ।

**ଗଜପତି** ଜିଲ୍ଲା ପାରଳାଖେମୁଣ୍ଡି କୁମୁଟି ସାହିରେ ଥିବା ଜନଔଷଧି କେନ୍ଦ୍ରରେ ବର୍ତ୍ତମାନ ୬୦୦ ପ୍ରକାରର ଔଷଧ ଉପଲବ୍ଧ ହେଉଛି । ଏହାକୁ ସେବନ କରି ସାଧାରଣ ଲୋକ ଉତ୍ତମ ସ୍ୱାସ୍ଥ୍ୟସେବା ପାଇପାରୁଛନ୍ତି ବୋଲି ମତ ପ୍ରକାଶ ପାଇଛି ।

## ଉନ୍ନୟନମୂଳକ କାର୍ଯ୍ୟ ତଦାରଖ

ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାସ ରାୟଗଡ଼ ବ୍ଲକ୍ ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କରିଛନ୍ତି । ଅମେଦା ପଂଚାୟତର ଆଲ୍ଲାଜଲ ଗ୍ରାମଠାରେ ବିଭିନ୍ନ ପାନୀୟ ଜଳ ପ୍ରକଳ୍ପର ସମୀକ୍ଷା କରିବା ସହ

ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ବିଦ୍ୟାଳୟ ଓ ଅଙ୍ଗନୱାଡି କୋଠା ନିର୍ମାଣ, ବଦମୁଣ୍ଡିଠାରେ ଥିବା ବାଳିକା ହଷ୍ଟେଲ ପରିଦର୍ଶନ କରିଛନ୍ତି।

## ଜିଲ୍ଲା ପରିଷଦ ବୈଠକ

ବୌଦ୍ଧ ଜିଲ୍ଲା ପରିଷଦ ବୈଠକ ପଞ୍ଚାୟତଭବନ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀଙ୍କ ସମେତ ବୌଦ୍ଧ, କଣ୍ଟାମାଳ ବିଧାୟକ ଯୋଗଦେଇ ଜିଲ୍ଲାରେ ଚାଲିଥିବା ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ।